ସ୍ୱାସ୍ଥ୍ୟକର୍ମୀମାନଙ୍କ ଅବଗତ ନିମନ୍ତେ ପୁସ୍ତିକା : ୧

# ଟୀକାଦାନ



Norway India Partnership Initiative (NIPI)

# କୃତଜ୍ଞତା

ଏହି ପୁସ୍ତିକାରେ ପ୍ରଦତ୍ତ ସମସ୍ତ ସୂଚନା ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ମୁଦ୍ରିତ "ଚିକିତ୍ସାଧୀକାରୀଙ୍କ ନିମନ୍ତେ ଟିକାକରଣ" ପୁସ୍ତିକାରୁ ଆସିଅଛି । ଏହାର ବୈଷୟିକ ସମୀକ୍ଷା ପାଇଁ ଆମେ ଭାରତୀୟ ଶିଶୁ ରୋଗ ଏକାଡେମୀ (IAP) ଠାରେ କୃତଜ୍ଞତା ଜ୍ଞାପନ କରୁଅଛୁ ।

ଯେଉଁ ନିପି-ୟୁନୋପ୍ସ (NIPI-UNPOS) ସଂସ୍ଥା ସହ ମିଶି ଏହି ପୁସ୍ତିକା ପ୍ରସ୍ତୁତ କରିବାର ଚିନ୍ତା ଜନ୍ମ ନେଇଥିଲା, ତଥା ଯେଉଁ ନିପି – ୟୁନୋପ୍ସ ଏଥିନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ, ଆମ୍ଭେ ଏହି ଅବସରରେ ତାଙ୍କୁ ଧନ୍ୟବାଦ ଜଣାଉଛୁ ।

# ଟୀକାକରଣ




## ୧. ଏକ ଶିଶୁ ର ଟୀକାକରଣ ସଂପୁର୍ଣ୍ଣ ହୋଇଛି ବୋଲି କେତେବେଳେ ବୁଝାଯାଏ ?

ଯେଉଁ ଶିଶୁକୁ ଜନ୍ମର ପ୍ରଥମ ବର୍ଷରେ ବି.ସି.ଜି ର ଏକ ଟୀକା, ଡି.ପି.ଟି ର ତିନିଟି ଟୀକା, ପୋଲିଓ ର ତିନିମାତ୍ରା ଆଉ ମିଳିମିଳା, ର ଗୋଟିଏ ଟୀକା ଦିଆଯାଇଥାଏ, ସେତେବେଳେ ଆମେ କହିପାରିବା ଯେ, ଶିଶୁର ଟୀକାକରଣ ସଂପୂର୍ଣ୍ଣ ହୋଇଛି ।




## ୨. ଆମ ଦେଶରେ କେତେ ଶିଶୁଙ୍କୁ ପୂର୍ଣ୍ଣଟୀକା ଦିଆଯାଉ ଅଛି ?

ଆମ ଦେଶରେ ସଂପୁର୍ଣ୍ଣ ଟୀକା କରଣ ର ସୂଚନା ଜାତୀୟ ପରିବାର ଏବଂ ସ୍ୱାସ୍ଥ୍ୟ ସର୍ବେକ୍ଷଣ (NFHS)ଏବଂ ଜିଲ୍ଲାସ୍ତରୀୟ ପାରିବାରିକ ସର୍ବେକ୍ଷଣ (DLHS) ର ଅଧୀନରେ ଅଛି । ୨୦୦୫-୦୬ ବର୍ଷରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ସଂସ୍ଥାର ଗଣନା ଅନୁସାରେ ୧୨ ରୁ ୨୩ ମାସ ବୟସ ର ଶିଶୁମାନଙ୍କ ମଧ୍ୟରୁ ପ୍ରାୟ (୪୩.୫%) ଶିଶୁଙ୍କୁ ସଂପୁର୍ଣ୍ଣ ଟୀକା ପ୍ରଦାନ କରାଯାଇଅଛି ।

ଦେଶରେ ବିଭିନ୍ନ ପ୍ରାନ୍ତରେ ଶିଶୁମାନଙ୍କ ଟୀକା କରଣ ସ୍ଥିତିରେ ଅସାମଞ୍ଜସ୍ୟ ଦେଖାଯାଇଥାଏ । ଦକ୍ଷିଣ ରାଜ୍ୟ (ଯଥା - କେରଳ, ତାମିଲନାଡୁ) ରେ ଟୀକା କରଣରସ୍ଥିତି ବେଶୀ ଭଲ ଥିବାବେଳେ କେତେକ ଉତ୍ତର ଓ ମଧଭାରତୀୟ ରାଜ୍ୟ (ଯଥା ଉତ୍ତରପ୍ରଦେଶ, ମଧପ୍ରଦେଶ, ରାଜସ୍ଥାନ, ବିହାର )ଏବଂ ଓଡ଼ିଶାରେ ବହୁତ କମ୍ ଶିଶୁ ମାନଙ୍କର ସଂପୂର୍ଣ୍ଣ ଟୀକା କରଣ କରାଯାଇଅଛି ।



**୩. ବି.ସି.ଜି. ଟୀକା କୁ ସର୍ବଦା ଶିଶୁମାନଙ୍କର ବାମ ହାତର ଉପରି ଭାଗରେ କାହିଁକି ଦିଆଯାଏ ?**

ବି.ସି.ଜି. ଟୀକା ସଦା ସର୍ବଦା ଶିଶୁର ବାମ ହାତର ଉପରି ଭାଗରେ ଦିଆଯାଇ ଥାଏ ଯାହା ଦ୍ୱାରା ଏକ ସମାନତା ରକ୍ଷା କରାଯାଇଥାଏ । ଏବଂ ଏହା ଶିଶୁଟିର ବାମ ହାତରେ ଏକ ଚିହ୍ନ ସୃଷ୍ଟି କରେ, ଯାହାକୁ ଦେଖି ସର୍ଭେ କରୁଥିବା ବ୍ୟକ୍ତି ବି.ସି.ଜି. ଟୀକା ଦିଆ ହୋଇଛି ବୋଲି ସହଜରେ ଜାଣି ପାରନ୍ତି ।

**୪. ନବଜାତ ଶିଶୁପାଇଁ (ଯାହାର ବୟସ ୧ମାସ ରୁ କମ୍) ବି.ସି.ଜି. ଟୀକାର କମ୍ ମାତ୍ରା (୦.୦୫ମିଲି) କାହିଁକି ଦିଆଯିବା ଉଚିତ ?**

ବି.ସି.ଜି. ଟୀକା ଶିଶୁର ଦେହରେ ଦିଆଯାଏ । ନବଜାତ ଶିଶୁର ଚର୍ମ ବହୁତ ପତଳା ହୋଇଥିବାରୁ ବି.ସି.ଜି. ଟୀକାକୁ ଅଧିକ ମାତ୍ରାରେ (୦.୧ମିଲି) ଦିଆଯାଏ, ତେବେ ଏହା ମାଂସ ପେଶୀ ଗୁଡ଼ିକରେ ଯାଇ ଚର୍ମରେ ସଂକ୍ରମଣ କରିବା ସହ ପୋଜ ସୃଷ୍ଟି କରିବାକୁ ସମର୍ଥ ହେବା ସହ ସେହି ସ୍ଥାନରେ ଗଣ୍ଠି ବାନ୍ଧିଯିବାର ବିପଦ ସୃଷ୍ଟି କରିଥାଏ ।

**୫. ଯଦି ଶିଶୁର ଜନ୍ମ ସମୟରେ ତାହାକୁ ବି.ସି.ଜି. ଟୀକା ଦିଆଯାଇ ପାରିନାହିଁ , ତେବେ କେବେ ଏହି ଟୀକା ଦିଆଯିବା ଉଚିତ୍ ?**

ଯଦି ଶିଶୁକୁ ଜନ୍ମ ସମୟରେ ଡ଼ି.ପି.ଟି.ର ପ୍ରଥମ ଟୀକା ସହିତ ବି.ସି.ଜି. ର ଟୀକା ଦିଆଯାଇ ନାହିଁ , ତେବେ ଯେତେ ଶୀଘ୍ର ତାହାକୁ ଏହି ଟୀକା ଦେଇଦେବା ଉଚିତ୍ । ଏହି ଟୀକା ଶିଶୁକୁ ଏକ ବର୍ଷ ମଧରେ ଦିଆଯାଇପାରିବ ।

**୬. ବି.ସି.ଜି. ଟୀକା କୁ କାହିଁକିଏକ ବର୍ଷ ବୟସ ମଧରେ ଦିଆଯାଏ ?**

ଏକ ବର୍ଷ ବୟସ ମଧରେ ଅଧିକାଂଶ ଶିଶୁ ଆପଣାଛାଏଁ ଟି.ବି.ରେ ସଂକ୍ରମିତ ହୋଇପଡନ୍ତି । ଏହି ସଂକ୍ରମଣରେ ଶିଶୁ ର ଟି.ବି. ରୋଗ ପ୍ରତିରୋଧକ କ୍ଷମତା ବଢ଼ିଯାଏ, ଯାହାକି ପରବର୍ତ୍ତୀ ସମୟରେ ଶିଶୁକୁ ଆହୁରି ବିପଦଜ୍ଜନକ ଟି.ବି.ରୁ ବଂଚାଇଥାଏ । ଏହି କାରଣ ଯୋଗୁ ଶିଶୁ ଜନ୍ମର ଏକ ବର୍ଷ ଭିତରେ ବି.ସି.ଜି. ଟୀକା ଦିଆଯାଇଥାଏ ।

**୭. ବି.ସି.ଜି. ଟୀକା ଦିଆଯିବା ପରେ ଶିଶୁ ଦେହରେ ଯଦି କୌଣସି ଚିହ୍ନ ଦେଖାନଯାଏ ତେବେ ଏହି ବି.ସି.ଜି. ଟୀକା କୁ ଆଉଥରେ ଦେବା ଉଚିତ୍ ?**

ନା, ଚିହ୍ନ ନ ହେଲେ ମଧ ବି.ସି.ଜି. ଟୀକା ଆଉ ଥରେ ଦେବାର କୌଣସି ଆବଶ୍ୟକତା ନାହିଁ ।

**୮. ଡ଼ି.ପି.ଟି ଟୀକାକୁ ଜଂଘର ସାମ୍ନାପଟର ମଧଭାଗରେ କାହିଁକି ଦିଆଯିବା ଉଚିତ୍ ଏବଂ ନିତମ୍ବ ରେ ଦିଆଯିବା କାହିଁକି ଅନୁଚିତ ?**

ଡ଼ି.ପି.ଟି. ଟୀକାକୁ ନିତମ୍ବରେ ଲଗାଇଲେ ନାଡ଼ି ଉପରେ ଆଘାତ ପହଞ୍ଚିଥାଏ । ଏହା ସହିତ ନିତମ୍ବରେ ଥିବା ଚର୍ବି ଅଂଶରେ ସେ ଟୀକା ଜମାଟ ବାନ୍ଧିଯିବାରୁ ଏହାର

ପ୍ରଭାବ କମ୍ ହୋଇଯାଇଥାଏ । ଏହି କେତୋଟି କାରଣ ଯୋଗୁଁ ଡ଼ି.ପି.ଟି ଟୀକାକୁ ଜଂଘର ସାମ୍ନାର ମଧଭାଗରେ ବାହାର ପଟେ ଦିଆଯିବା ଉଚ୍ଛିତ ।

**୯. ଡ଼ି.ପି.ଟି. ଦୁଇଟି ଟୀକାର ମଧ୍ୟରେ ଅତି କମ୍‌ରେ ଏକ ମାସର ବ୍ୟବଧାନ କାହିଁକି ରହିବା ଉଚିତ୍ ?**

ଏହା ଏଇଥିପାଇଁ ଆବଶ୍ୟକ ଯେ ବ୍ୟବଧାନ କମ୍ କରାଗଲେ ଟୀକାର ପ୍ରଭାବ ମଧ କମ୍ ହୋଇଯାଏ, ଅର୍ଥାତ୍ ରୋଗ ପ୍ରତିରୋଧକ କ୍ଷମତା ପୂର୍ଣ୍ଣ ରୂପରେ ବିକଶିତ ହୋଇପାରିନଥାଏ । ଯେତେବେଳେ ଦୁଇଟି ଟୀକା ମଧରେ ଏକ ମାସର ବ୍ୟବଧାନ ରହିଥାଏ, ତେବେ ରୋଗ ପ୍ରତିରୋଧକ କ୍ଷମତା ଖୁବ୍ ଭଲ ଭାବରେ ବିକଶିତ ହୋଇଥାଏ ।

**୧୦. ଯଦି କୌଣସି ଶିଶୁକୁ ଡ଼ି.ପି.ଟି ଟୀକା ଦେବାପରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉଛି କିମ୍ବା ଡ଼ି.ପି.ଟି ମାତ୍ରା ଦ୍ୱାରା ମସ୍ତିଷ୍କ ଉପରେ ପ୍ରଭାବ ପଡୁଅଛି, ତେବେ ଏହି ଅବସ୍ଥାରେ କଣ କରାଯିବା ଉଚିତ୍ ?**

ଯଦି କୌଣସି ଶିଶୁକୁ ଡ଼ି.ପି.ଟି ଟୀକା ଦେବାମାତ୍ରେ ପାର୍ଶ୍ୱପ୍ରତିକ୍ରିୟା ଦେଖାଯିବା ସହ ମସ୍ତିଷ୍କ ଉପରେ ଏହାର ପ୍ରଭାବ ପଡେ, ତେବେ ତାହାକୁ ତୁରନ୍ତ ଡ଼ାକ୍ତରଙ୍କ ପାଖକୁ ନେଇଯିବା ଉଚିତ୍ ।

ଯଦି ଏହି ପରିସ୍ଥିତିରେ ଶିଶୁକୁ ଡ଼ି.ପି.ଟିର ଦ୍ୱିତୀୟ ବା ତୃତୀୟ ମାତ୍ରା ଦିଆଯିବା ଦରକାର ପଡେ, ତେବେ ଡ଼ି.ପି.ଟି ସ୍ଥାନରେ ଡ଼ି.ଟି. ଟୀକା ଦିଆଯିବା ଉଚିତ୍ କାରଣ ପାର୍ଶ୍ୱପ୍ରତିକ୍ରିୟା, ଆଲର୍ଜୀ, ମସ୍ତିଷ୍କ ଉପରେ କୁ-ପ୍ରଭାବ ଇତ୍ୟାଦି ଡ଼ି.ପି.ଟି. ର ପି. ଅଂଶ ର ପ୍ରଭାବରେ ହୋଇଥାଏ ।

**୧୧. ଯଦି କୌଣସି ଶିଶୁକୁ ଡ଼ି.ପି.ଟି-୧ ଦିଆଯାଇସାରିଛି ଏବଂ ଡି.ପି.ଟି – ୨ ଦିଆଯିବା ପାଇଁ ତାକୁ ବିଳମ୍ବରେ ଅଣାଯାଇଛି ତେବେ କଣ ପୁଣିଥରେ ଡି.ପି.ଟି ଦିଆଯିବାର ଆବଶ୍ୟକତା ଅଛି କି ?**

ଯଦି ଶିଶୁକୁ ଡି.ପି.ଟି-୨ ମାତ୍ରା ଦେବାପାଇଁ ବିଳମ୍ବରେ ଅଣାଯାଏ, ତେବେବି ଟୀକାକରଣ ପୁଣି ମୂଳରୁ କରାଯିବାର ଆବଶ୍ୟକତା ନାହିଁ , କାରଣ ଟୀକା କରଣ ସାରଣୀ ଅନୁସାରେ ଆଗାମୀ ଟୀକା ଦେବା ଉଚିତ୍। ଉଦାହରଣ ସ୍ୱରୁପ - ଯଦି ଗୋଟିଏ ଶିଶୁକୁ ପାଞ୍ଚମାସ ଭିତରେ ବି.ସି.ଜି, ଡି.ପି.ଟି-୧ ଏବଂ ପୋଲିଓ-୧ ଟୀକା ଦିଆଯାଇଥାଏ ଓ ସେହି ଶିଶୁକୁ ୧୧ମାସ ବୟସରେ ଟୀକା ଦିଆଯିବା ପାଇଁ ଅଣାଯାଇଥାଏ , ତେବେ ତାକୁ ଡି.ପି.ଟି-୨, ପୋଲିଓ-୨ ଏବଂ ମିଳିମିଳା ର ଟୀକା ଦିଆଯିବା ଉଚିତ୍ ।



**୧୨. ଯଦି କୌଣସି ଶିଶୁକୁ ଡି.ପି.ଟି ଆଉ ପୋଲିଓ ର ଗୋଟିଏ ବି ମାତ୍ରା ଦିଆଯାଇ ନାହିଁ ତେବେ କେଉଁ ବୟସରେ ଡି.ପି.ଟି ଆଉ ପୋଲିଓ ର ବୁନ୍ଦା ଦିଆଯାଇ ପାରିବ ?**

ଡି.ପି.ଟିର ଟୀକା ଦୁଇବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଦିଆଯିବା ସହ ପୋଲିଓ ବୁନ୍ଦା ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ଦିଆଯାଇପାରେ ।



**୧୩. ଯଦି ଏକ ଶିଶୁ ଜନ୍ମ ହେବାମାତ୍ରେ ପୋଲିଓର ଶୂନମାତ୍ରା ଦିଆଯାଇନଥାଏ, ତେବେ କେତେ ଦିନ ଭିତରେ ଏହିମାତ୍ରା ଦିଆଯିବା ଉଚିତ୍ ?**

ଜନ୍ମର ପ୍ରଥମ ୧୫ଦିନ ମଧ୍ୟରେ ଶିଶୁକୁ ପୋଲିଓ ର ଶୂନ ମାତ୍ରା (ଜିରୋ ଡୋଜ୍) ଦିଆଯାଇପାରିବ ।

**୧୪. ପୋଲିଓ ବୁନ୍ଦା ଦିଆଯିବାର ସାଙ୍ଗେ ସାଙ୍ଗେ କଣ ଶିଶୁକୁ ସ୍ତନ୍ୟପାନ କରାଯାଇ ପାରିବ ?**

ହାଁ

**୧୫. ସମୟ ସାରଣୀ ଅନୁସାରେ ଯଦି ଗୋଟିଏ ଶିଶୁର ପୋଲିଓର ତିନଟି ଯାକ ମାତ୍ରା ଦିଆଯାଇଥାଏ ତେବେ କଣ ସେହି ଶିଶୁକୁ ପଲସ୍ ପୋଲିଓ ଅଭିଯାନ ସମୟରେ ପୁଣିଥରେ ପୋଲିଓର ମାତ୍ରା ଦେବା ଉଚିତ୍ କି ?**

ପାଞ୍ଚବର୍ଷ ପର୍ଯ୍ୟନ୍ତ ପିଲମାନାଙ୍କୁ ପଲସ୍ ପୋଲିଓ ଅଭିଯାନ ମାଧମରେ ପୋଲିଓ ର ମାତ୍ରାଦେବା ଉଚିତ୍ । ଯଦି ଟୀକା କରଣ ସାରଣୀ ମାଧମରେ ସଂପୂର୍ଣ୍ଣ ହୋଇଥିଲେ ମଧ ପୁଣି ଏଥିରେ ସାମିଲ ହେବା ଉଚିତ୍ ।

**୧୬. ଯଦି ଗୋଟିଏ ଶିଶୁକୁ ବୟସ ୯ମାସ ରୁ ୧୨ ମାସ ବୟସ ମଧ୍ୟରେ ମିଳିମିଳା ର ଟୀକା ଦିଆଯାଇ ନଥାଏ, ତେବେ କେଉଁ ବର୍ଷ ବୟସ ପର୍ଯ୍ୟନ୍ତ ଏହି ଟୀକା ଦିଆଯାଇପରିବ ?**

ଯଦି ଶିଶୁ କୁ ୯-୧୨ ମାସ ବୟସ ମଧରେ ଦୂରାରୋଗ୍ୟ (ଯାଦୁ)ର ଟୀକା ଦିଆଯାଇ ନଥାଏ ତେବେ ତାକୁ ତୁରନ୍ତ ଏହି ଟୀକାକୁ ଦିଆଯିବା ଉଚିତ୍ । ଶିଶୁ କୁ ୫ବର୍ଷ ବୟସ ଭିତରେ ଏହି ଟୀକା ଦିଆଯିବା ଉଚିତ୍ ।

**୧୭. ମିଳିମିଳା ର ଟୀକା କୁ ଶିଶୁର ଡାହାଣ ପଟର ବାହୁର ଉପରି ଭାଗରେ କାହିଁକି ଦିଆଯାଇଥାଏ ?**

ଶିଶୁକୁ ଏହି ଔଷଧକୁ ଡାହାଣ ପଟ ବାହୁର ଉପରି ଭାଗରେ ଦିଆଯାଇଥାଏ ଯେଉଁଥିରେ ଏକ ସମାନତା ରହିବା ସହ କୌଣସି ସର୍ଭେ ବେଳେ ସ୍ୱାସ୍ଥ୍ୟ କର୍ମକର୍ତ୍ତାଙ୍କ ଦୃଷ୍ଟି ଗୋଚର ହେବା ସହଜ ହୋଇଥାଏ ।

**୧୮. ଯଦି କୌଣସି ଶିଶୁକୁ ମିଳିମିଳା ର ଟୀକା ୯ମାସ ରୁ କମ୍ ବୟସରେ ଦିଆଯାଇଥାଏ, ତେବେ କଣ ତାହାକୁ ପୁଣିଥରେ ଏହି ଟୀକା ଦେବା ଉଚିତ୍ କି ?**

ହଁ, ଯଦି କୌଣସି ଶିଶୁକୁ ୯ମାସ ବୟସ ମଧ୍ୟରେ ମିଳିମିଳା ର ଟୀକା ଦିଆଯାଇଥାଏ ତେବେ ତାହାକୁ ପୁଣି ଆଉଥରେ ଏହି ଟୀକା ଦେବା ଉଚିତ୍ ।

**୧୯. ହେପାଟାଇଟସ୍.ବି. ଟୀକା କେତେ ବୟସ ପର୍ଯ୍ୟନ୍ତ ଦିଆଯାଇ ଥାଏ ?**

ଜାତୀୟ ଟୀକାଦାନ କାର୍ଯ୍ୟକ୍ରମ ସୂଚୀ ଅନୁସାରେ ହେପାଟାଇଟସ୍–ବି ଟୀକା ଡି.ପି.ଟିର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ମାତ୍ରା ସହିତ ୧ ବର୍ଷ ବୟସ ମଧ୍ୟରେ ଦିଆଯାଇଥାଏ ।



**୨୦. କଣ ହେପାଟାଇଟସ୍.ବିର ମାତ୍ରାକୁ ଡି.ପି.ଟି ମାତ୍ରା ସହିତ ମିଶାଇ ଗୋଟିଏ ସିରିଞ୍ଜ୍ ମାଧ୍ୟମରେ ଶିଶୁକୁ ଦିଆଯିବା ଉଚିତ୍ କି ?**

ନା, ଡି.ପି.ଟି ଏବଂ ହେପାଟାଇଟସ୍.ବି.ର ମାତ୍ରାକୁ (ଯଦି ମାତ୍ରା ଅଲଗା ଅଲଗା ଦିଆଯାଇଥାଏ) ମିଶାଇ ଏକ୍ରା ସାଥିରେ ସିରିଞ୍ଜ୍ ଦ୍ୱାରା ପିଲମାନଙ୍କୁ ଦିଆଯାଇ ପାରିବ ନାହିଁ । ଡି.ପି.ଟି. ଏବଂ ହେପାଟାଇଟସ୍.ବି. ର ଟୀକା ବ୍ୟବହାର ପାଇଁ ଅଲଗା ଅଲଗା ସିରିଞ୍ଜ୍ ବ୍ୟବହାର କରାଯିବା ଉଚିତ୍ ।

**୨୧. ଏକ ବାଳିକାକୁ ୧୬ ବର୍ଷ ବୟସ ପର୍ଯ୍ୟନ୍ତ ଜାତୀୟ ଟୀକା କାରଣ କାର୍ଯ୍ୟକ୍ରମର ସାରଣୀ ଅନୁସାରେ ଡି.ପି.ଟି. ଏବଂ ଟି.ଟି ର ସବୁତକ ଟୀକା ଦିଆଯାଇଅଛି । ଯଦି ୧୮ବର୍ଷ ବୟସରେ ଏହି ବାଳିକା ଗର୍ଭବତୀ ହୁଏ ତେବେ ତାକୁ ଟି.ଟି. ର କେତେ ମାତ୍ରା ଦିଆଯିବା ଉଚିତ୍ ?**

ଜାତୀୟ ଟୀକାଦାନ କାର୍ଯ୍ୟକ୍ରମର ସୂଚୀ ଅନୁସାରେ ତାଙ୍କୁ ଆଉ ମାତ୍ର ୨ଟି ଟି.ଟି ଦିଆଯିବା ଉଚିତ୍ ।

**୨୨. ଶିଶୁ ମାନଙ୍କୁ ଟୀକା ଦେବା ପୂର୍ବରୁ ସ୍ପିରିଟ୍ ମାଧ୍ୟମରେ ଚର୍ମକୁ ସଫା କରିବା ଉଚିତ୍ ନୁହେଁ କାହିଁକି ?**

ପିଲାମାନଙ୍କର ଚର୍ମକୁ ସ୍ପିରିଟ୍ ରେ ସଫା କରିବା ଉଚିତ୍ ନୁହେଁ କାରଣ ଟୀକାରେ ଥିବା କିଛି ଜୀବିତ ଜୀବାଣୁ /କୀଟାଣୁ ସ୍ପିରିଟ୍ ସଂସ୍ପର୍ଶରେ ଆସି ମରିଯାଇଥାନ୍ତି । ଫଳରେ ଟୀକାର ପ୍ରଭାବ କମ୍ ହୋଇଯାଇଥାଏ ।

**୨୩. ଯଦି ଗୋଟିଏ ଶିଶୁକୁ କୌଣସି ଟୀକା ଦିଆଯାଇ ନଥାଏ ଏବଂ ତାକୁ ଯଦି ୯ ମାସ ବୟସରେ ପ୍ରଥମ କରି ଟୀକାକରଣ ପାଇଁ ଅଣାଯାଏ, ତେବେ ଏହି ପରିସ୍ଥିତି ରେ ଗୋଟିଏ ଦିନରେ (ଯାହା ୯ମାସ ମଧ୍ୟରେ ନବାକଥା) କଣ ସବୁତକ ଟୀକା ଦିଆଯିବା ଉଚିତ୍ କି ?**

ହଁ, ଯଦି ଏକ ଶିଶୁକୁ ୯ମାସ ବୟସରେ କୌଣସି ଟୀକା ଦିଆଯାଇନଥାଏ । ତାକୁ ଗୋଟିଏ ଦିନ ଭିତରେ ସବୁତକ ଟୀକା ଦିଆଯାଇପାରିବ । ଏହି ସବୁ ଟୀକାକୁ ଶରୀରର ଅଲଗା ଅଲଗା ଅଂଶରେ ଅଲଗା ଅଲଗା ସିରିଞ୍ଜ୍ ମାଧ୍ୟମରେ ଦିଆଯିବା ଉଚିତ୍ । ବି.ସି.ଜି., ଡି.ପି.ଟି-୧, ହେପାଟାଇଟସ୍.ବି, ଓ.ପି.ବି.-୧, ଦୂରାରୋଗ୍ୟ (ଯାଦୁ) ଏବଂ ଭିଟାମିନ୍ -ଏ ର ମାତ୍ରା କୁ ୯ ମାସର ଶିଶୁକୁ (ଯାହା

ଦେହରେ ଏପର୍ଯ୍ୟନ୍ତ ଗୋଟିଏ ବି ଟୀକା ଦିଆଯାଇନାହିଁ) ଏକ ସମୟରେ ଦେବା ସୁରକ୍ଷିତ ଏବଂ ପ୍ରଭାବଶାଳୀ ଅଟେ ।

**୨୪. ଯଦି ମାଆ ତାର ଶିଶୁକୁ (ଯାହାର ବୟସ ୯ମାସ ଏବଂ ଯିଏ ଟୀକା କରଣ ପାଇଁ ପ୍ରଥମ ଥର ଆସିଛି) ଗୋଟିଏ ବୋଲି ଟୀକା ଦେବା ପାଇଁ ଅନୁମତି ପ୍ରଦାନ କରେ ତେବେ ତାକୁ ସର୍ବ ପ୍ରଥମେ କେଉଁ ଟୀକା ଦେବା ଜରୁରୀ ଅଟେ ?**

୯ ମାସ ବୟସ ରେ ଦୂରାରୋଗ୍ୟ (ଯାଦୁ) ର ଟୀକାକୁ ପ୍ରଥମ ଦିଆଯିବା ଉଚିତ୍ । ଏଥି ସହିତ ସେହି ଶିଶୁକୁ ପୋଲିଓ ଏବଂ ଭିଟାମିନ୍-ଏ ର ମାତ୍ରାମଧ ଦିଆଯିବା ଉଚିତ୍ ।

**୨୫. ଗୋଟିଏ ଶିଶୁର ବୟସ ୧-୨ବର୍ଷ ଏବଂ ଏ ପର୍ଯ୍ୟନ୍ତ ତାକୁ କୌଣସି ଟୀକା ଦିଆଯାଇ ନାହିଁ , ତେବେ ଏହି ଶିଶୁକୁ କଣ କଣ ଟୀକା ଦିଆଯିବା ଉଚିତ୍ ?**

ଏହି ଶିଶୁକୁ ଡି.ପି.ଟି-୧ , ପୋଲିଓ-୧ , ଦୂରାରୋଗ୍ୟ (ଯାଦୁ) ଏବଂ ଭିଟାମିନ୍-ଏ ର ମିଶ୍ରଣ (୨ମିଲି.) ଦିଆଯିବା ଉଚିତ୍ । ଏହାପରେ ଶିଶୁକୁ ଡି.ପି.ଟି. ଏବଂ ପୋଲିଓ ର ଦ୍ୱିତୀୟ ଏବଂ ତୃତୀୟ ମାତ୍ରା ଏକ ଏକ ମାସ ବ୍ୟବଧାନରେ ଦିଆଯିବା ଉଚିତ୍ । ଡି.ପି.ଟିର ବୁଷ୍ଟର ମାତ୍ରା ଡି.ପି.ଟିର ତୃତୀୟ ଟୀକା କୁ ଅନ୍ତତଃ ପକ୍ଷେ ୬ମାସ ପରେ ଦିଆଯିବା ଉଚିତ୍ ।

**୨୬. ଦୁଇ ରୁ ପାଞ୍ଚବର୍ଷ ବୟସର ଶିଶୁ ଯାହାକୁ ପୂର୍ବରୁ କୌଣସି ବି ଟୀକା ଦିଆଯାଇ ନାହିଁ, ତାହାକୁ କଣ କଣ ଟୀକା ଦିଆଯିବା ଉଚିତ୍ ?**

ଶିଶୁକୁ ଡି.ପି.ଟି ର ୨ଟି ଟୀକା ଏବଂ ପୋଲିଓ ର ୨ଟି ମାତ୍ରା ଏକ ମାସ ଅନ୍ତର ବ୍ୟବଧାନରେ ଦିଆଯିବା ଉଚିତ୍ । ଦୂରାରୋଗ୍ୟ (ଯାଦୁ) ର ଟୀକା ଡି.ପି.ଟି ର ପ୍ରଥମ ଟୀକା ସହିତ ଦିଆଯିବା ଉଚିତ୍ ।

**୨୭. ଯଦି ଏକ ଶିଶୁକୁ ଛ ବର୍ଷ ବୟସରେ ପ୍ରଥମଥର ପାଇଁ ଟୀକାକରଣ ନିମନ୍ତେ ଅଣାଯାଇଛି, ତେବେ ଏହି ଶିଶୁକୁ କେଉଁ କେଉଁ ଟୀକା ଦିଆଯିବା ଉଚିତ୍ ?**

ଏହି ଶିଶୁ କୁ ଟି.ଟି.ର ୨ ଟୀକା ୧ମାସ ଅନ୍ତର ରେ ଦିଆଯିବା ଉଚିତ୍ ।



1,00,000/- IU 2,00,000/- IU

**୨୮. ଶିଶୁକୁ ଭିଟାମିନ୍ - ଏ ର ମାତ୍ରାକୁ କିଭଳି ପିଆଇବା ଉଚିତ୍ ?**

ଭିଟାମିନ୍ - ଏ କୁ ବୋତଲ ସହିତ ଆସିଥିବା ଚାମଚରେ ପିଆଇବା ଉଚିତ୍ । ଅଧା ଚାମଚ ଔଷଧରେ ୧,୦୦,୦୦୦ ଆର୍ନ୍ତଜାତିୟ ଏକକ (IU) ଭିଟାମିନ୍ - ଏ ଥାଏ ଏବଂ ଏକ ପୂରା ଚାମଚ ଭିଟାମିନ-ଏ ଔଷଧ ରେ ୨,୦୦,୦୦୦ ଆର୍ନ୍ତଜାତିୟ ଏକକ (IU) ଭିଟାମିନ୍ -ଏ ଥାଏ । ଏକ ବର୍ଷରୁ କମ୍ ବୟସର ଶିଶୁ ଙ୍କୁ ୧ମି.ଲି ଭିଟାମିନ୍-ଏ ଏବଂ ଏକ ବର୍ଷରୁ ବଡ଼ ଶିଶୁଙ୍କୁ ୨ମି.ଲି. ଭିଟାମିନ୍ -ଏ ଦିଆଯିବା ଉଚିତ୍ ।

**୨୯. ଭିଟାମିନ୍-ଏ ର ୨ଟି ମାତ୍ରା ମଧ୍ୟରେ କେତେ ଦିନ ବ୍ୟବଧାନ ରହିବା ଉଚିତ୍ ?**

ଭିଟାମିନ୍-ଏ ର ୨ଟି ମାତ୍ରା ମଧ୍ୟରେ ଅନ୍ୟୁନ ୬ମାସର ବ୍ୟବଧାନ ରହିବା ଉଚିତ୍ ।

**୩୦. ଭିଟାମିନ୍ - ଏ ଥିବା ଔଷଧ ବୋତଲ କୁ କେଉଁ ସ୍ଥାନରେ କିପରି ରଖିବା ଉଚିତ୍ ?**

ଭିଟାମିନ୍ - ଏ ର ବୋତଲକୁ ସୂର୍ଯ୍ୟ କିରଣ ଠାରୁ ଦୂରେଇ ରଖିବା ଉଚିତ୍ ।

**୩୧. ଭିଟାମିନ୍ - ଏ ର ବୋତଲ ଖୋଲିବା ପରେ କେତେ ଦିନ ମଧ୍ୟରେ ଏହାର ବ୍ୟବହାର କରିବା ଉଚିତ୍ ?**

ଭିଟାମିନ୍ - ଏ ର ବୋତଲକୁ ଖୋଲିବା ଦିନଠାରୁ ୬-୮ ସପ୍ତାହ ମଧ୍ୟରେ ବ୍ୟବହାର କରାଯିବା ଉଚିତ୍ । ବୋତଲକୁ ଖୋଲିବା ଦିନ ବୋତଲ ଉପରେ ସେ ଦିନର ତାରିଖ କୁ ଲେଖିଦେବା ଉଚିତ୍ ।



## ସମାପ୍ତ

# ସମାପ୍ତ

आरोग्यम् सुखसम्पदा

**National Child Health Resource Centre**
**National Institute of Health and Family Welfare**
Baba Gang Nath Marg, Munirka, New Delhi-110067
Phones: 26165959/26166441/26188485/26107773
Fax: 91-1126101623
Website: www.nihfw.org